# NATIONAL NEWS BULLETIN (ODIA)

## 26 March - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍‌ରେ ଆଞ୍ଚଳିକ ସଂଯୋଗୀକରଣ ଯୋଜନା - ପରିବର୍ତ୍ତିତ ଉଡ଼ାଣ ଅନୁମୋଦିତ ।

– ଦେଶରେ ୧୦୦ଟି ବିମାନ ବନ୍ଦରର ହେବ ବିକାଶ ।

- ରାଜ୍ୟସଭାରେ ଗୃହିତ ହେଲା ତୃତୀୟ ଲିଙ୍ଗୀ ବ୍ୟକ୍ତି ଅଧିକାର ସୁରକ୍ଷା ସଂଶୋଧନ ବିଲ୍ ୨୦୨୬ ।
- ଅମେରିକାର ୧୫ ସୂତ୍ରୀ ପ୍ରସ୍ତାବକୁ ଇରାନ୍‌ର ଖାରଜ ।
- ରାମନବମୀ ଅବ୍ୟବହିତ ପୂର୍ବରୁ ନାଗରୀକମାନଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ।

ଏବଂ

- ସାଫ୍ ଅଣ୍ଡର-ଟ୍ୱେଣ୍ଟି ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାରେ ଆଜି ପାକିସ୍ତାନକୁ ଭେଟିବ ଭାରତ ।

# କ୍ୟାବିନେଟ୍

କେନ୍ଦ୍ର କ୍ୟାବିନେଟ୍‌ରେ ଗତକାଲି ୨୦୨୬-୨୭ରୁ ୨୦୩୫-୩୬ ପର୍ଯ୍ୟନ୍ତ ୧୦ ବର୍ଷ ଅବଧି ପାଇଁ ଆଞ୍ଚଳିକ ସଂଯୋଗୀକରଣ ଯୋଜନା - ପରିବର୍ତ୍ତିତ ଉଡ଼ାଣର ଶୁଭାରମ୍ଭ ଏବଂ କାର୍ଯ୍ୟାନ୍ୱୟନ ଅନୁମୋଦିତ ହୋଇଛି । ଏହି ଯୋଜନାପାଇଁ ୨୮ ହଜାର ୮୪୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ନୂଆଦିଲ୍ଲୀରେ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା ଲକ୍ଷ୍ୟରେ ୧୦୦ଟି ବିମାନ ବନ୍ଦରର ବିକାଶ କରାଯିବ । ଏହା ଅର୍ଥନୈତିକ ଅଭିବୃଦ୍ଧି, ବାଣିଜ୍ୟ ଏବଂ ପର୍ଯ୍ୟଟନ କ୍ଷେତ୍ର ତ୍ୱରାନ୍ୱିତ କରିବାରେ ସହାୟକ ହେବ ଏବଂ ସାଧାରଣ ନାଗରିକଙ୍କପାଇଁ ବିମାନ ଯାତ୍ରା ସହଜରେ ଉପଲବ୍ଧ ହେବ ।

ସାଧାରଣ ନାଗରିକଙ୍କ ପାଇଁ ବିମାନଯାତ୍ରାକୁକ ସୁଲଭ ଓ ସହଜ କରିବା ଉଦ୍ଦେଶ୍ୟରେ ଉଡ଼ାଣ ଯୋଜନା ୨୦୧୬ ମସିହା ଅକ୍ଟୋବର ମାସରେ ଆରମ୍ଭ ହୋଇଥିଲା । ଏହା ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରଗୁଡ଼ିକ ମଧ୍ୟରେ ଯୋଗାଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟ ଥିଲା । ଦୀର୍ଘ ୯ ବର୍ଷରୁ ଉର୍ଦ୍ଧ୍ୱ ଧରି ଏହା କାର୍ଯ୍ୟକାରୀ ହେବା ଫଳରେ ୯୫ଟି ବିମାନ ବନ୍ଦର ମଧ୍ୟରେ ୬୬୩ଟି ଆକାଶମାର୍ଗ ଦେଇ ବିମାନ ଚଳାଚଳ ହୋଇପାରିଛି । କେନ୍ଦ୍ର କ୍ୟାବିନେଟ୍‌ରେ ଦେଶାନ୍ତର, ଭିସା, ବିଦେଶୀ

ନାଗରିକଙ୍କ ପଞ୍ଜୀକରଣ ଏବଂ ଚିହ୍ନଟ ଯୋଜନା ୨୦୩୧ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବା ପ୍ରକ୍ରିୟା ଅନୁମୋଦିତ ହୋଇଛି । ଏଥିପାଇଁ ୧୮ ଶହ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଆର୍‌ଏସ୍-ଟ୍ରାନ୍ସଜେଣ୍ଡର

ରାଜ୍ୟସଭାରେ ଗତକାଲି ତୃତୀୟ ଲିଙ୍ଗୀ ବ୍ୟକ୍ତି ଅଧିକାର ସୁରକ୍ଷା ସଂଶୋଧନ ବିଲ୍ ୨୦୨୬ ଗୃହିତ ହୋଇଛି । ପୂର୍ବରୁ ଲୋକସଭାରେ ଗତ ମଙ୍ଗଳବାର ବିରୋଧି ଦଳ ନେତାଙ୍କ କକ୍ଷ ତ୍ୟାଗ ସତ୍ତ୍ୱେ ଏହି ବିଲ୍ ବାଚନିକ ଭୋଟ୍‌ରେ ଗୃହିତ ହୋଇଥିଲା । ଏହି ବିଲ୍‌ରେ ତୃତୀୟ ଲିଙ୍ଗୀ ବର୍ଗଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ଯଥେଷ୍ଟ ବ୍ୟବସ୍ଥା ରହିଛି । ରାଜ୍ୟସଭାରେ ଏହି ବିଲ୍ ସମ୍ପର୍କରେ ଆଲୋଚନାର ଉତ୍ତର ଦେଇ ସାମାଜିକ ନ୍ୟାୟ ଏବଂ ସଶକ୍ତି କରଣ ମନ୍ତ୍ରୀ ବୀରେନ୍ଦ୍ର କୁମାର କହିଛନ୍ତି, ସରକାର ତୃତୀୟ ଲିଙ୍ଗୀ ସମୁଦାୟଙ୍କ ପାଇଁ ସବୁବେଳେ ସହାନୁଭୂତି ପ୍ରଦର୍ଶନ କରିଥାନ୍ତି । ଶ୍ରୀ କୁମାର କହିଛନ୍ତି, ସେମାନଙ୍କୁ ଆତ୍ମସମ୍ମାନ ପ୍ରଦାନ କରିବା ଏବଂ ସଶକ୍ତ କରିବା ଲାଗି ଏହି ବିଲ୍‌ରେ ବ୍ୟବସ୍ଥା ରହିଛି । ଏନ୍.ଡି.ଏ. ସରକାର ତୃତୀୟ ଲିଙ୍ଗୀ ବ୍ୟକ୍ତିମାନଙ୍କୁ ମୁଖ୍ୟ ସ୍ରୋତରେ

ଆଣିବା ଏବଂ ପକ୍ଷପାତିତା ବନ୍ଦ କରିବା ଲାଗି ବିଭିନ୍ନ ପଦକ୍ଷେପ ନେଇଥିବା ଶ୍ରୀ କୁମାର କହିଛନ୍ତି ।

## ବିଜେପି-କ୍ୟାଣ୍ଡିଡେଟ୍ ଲିଷ୍ଟ

ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ନିର୍ବାଚନ ନିମନ୍ତେ ବିଜେପି ପକ୍ଷରୁ ୧୯ ଜଣିଆ ଅନ୍ୟ ଏକ ପ୍ରାର୍ଥି ତାଲିକା ଘୋଷଣା କରାଯାଇଛି । ଏହି ତାଲିକାରେ ଆର୍.ଜି. କର ମେଡିକାଲ୍ କଲେଜ୍ ହସ୍ପିଟାଲ୍ ଘଟଣାରେ ପିଡ଼ିତଙ୍କ ମା' ରତ୍ନ ଦେବନାଥଙ୍କ ନାମ ରହିଛି । ସେ ଉତ୍ତର ଚବିଶ ପ୍ରଗଣାର ପାନିହାଟି ନିର୍ବାଚନ ମଣ୍ଡଳୀରୁ ଲଢ଼ିବେ । କୁଚ୍‌ବିହାର ଦକ୍ଷିଣ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରଥିନ୍ଦ୍ରନାଥ ବୋଷ, ଡକ୍ଟର ଶଙ୍କର ଗୁଚ୍ଛେତ୍ ମେଦିନପୁର ଆସନ ଏବଂ ହାଓଡ଼ା ମଧ୍ଯ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିପ୍ଲବ ମଣ୍ଡଳ ପ୍ରତିଦ୍ୱନ୍ଦ୍ୱିତା କରିବେ ।

## କେରଳମ୍ ନୋମିନେସନ୍

କେରଳମ୍‌ରେ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ । କେରଳମ୍‌ରେ ଆଜି ସମସ୍ତ ୧୪୦ଟି ନିର୍ବାଚନ ମଣ୍ଡଳୀ ପାଇଁ ସମସ୍ତ ପ୍ରାର୍ଥିଙ୍କ ନାମ ଜଣାପଡ଼ିବ ।

ଗତକାଲି ସୁଦ୍ଧା ସମୁଦାୟ ୯୮୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ରହିଥିଲେ । ଦାଖଲ ହୋଇଥିବା ୨ ହଜାର ୧୨୫ ପ୍ରାର୍ଥୀପତ୍ର ମଧ୍ୟରୁ ୧ ହଜାର ୭୫୪ ଗୃହିତ ହୋଇଥିବା ବେଳେ ଅନ୍ୟ ୩୫୭ ପ୍ରାର୍ଥୀପତ୍ର ଯାଞ୍ଚ ବେଳେ ନାକଚ ହୋଇଯାଇଥିଲା । ରାଜନୈତିକ ଦଳ ପକ୍ଷରୁ କେରଳମ୍‌ରେ ନିର୍ବାଚନ ପ୍ରଚାର ଜୋର୍‌ସୋର୍‌ରେ ଚାଲିଛି । ରାଜନୈତିକ ଦଳ ପକ୍ଷରୁ ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ସଭା, ସମିତି, ର୍‍ୟାଲିମାନ ଆୟୋଜନ କରାଯାଇଛି । ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

## ଅଲ୍ ପାର୍ଟି ମିଟିଂ

ସଂସଦ ଭବନ ପରିସରରେ ପଶ୍ଚିମ ଏସିଆ ପ୍ରସଙ୍ଗ ନେଇ ଗତକାଲି ସରକାରଙ୍କ ପକ୍ଷରୁ ଆହୂତ ସର୍ବଦଳୀୟ ବୈଠକରେ ଆଲୋଚନା କରାଯାଇଥିଲା । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ପେଟ୍ରୋଲିୟମ୍ ମନ୍ତ୍ରୀ ହର୍‌ଦୀପ ସିଂହ ପୁରି, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ଜେ.ଡି.ୟୁ. କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝା ଏବଂ ରାଜୀବ ରଞ୍ଜନ (ଲଲନ) ସିଂହ ପ୍ରମୁଖ ଯୋଗ ଦେଇଥିଲେ । କଂଗ୍ରେସ ନେତା ମୁକୁଲ ଓ୍ୱାସନିକ ଏବଂ ତାରିକ୍ ଅନଓ୍ୱାର୍, ସି.ପି.ଆଇ.(ଏମ୍.) ସାଂସଦ ଜନ୍ ବ୍ରିଟାସ୍ ଓ ସମାଜବାଦୀ ସାଂସଦ

ଧର୍ମେନ୍ଦ୍ର ଯାଦବ ଏବଂ ବିରୋଧୀ ଦଳର ଅନ୍ୟାନ୍ୟ ନେତାମାନେ ମଧ୍ୟ ବୈଠକରେ ଅଂଶଗ୍ରହଣ କରିଥିଲେ ।

ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ବୈଠକ ଆହ୍ୱାନ କରାଯାଇଥିଲା । ଉତ୍ତେଜନା ଯୋଗୁଁ ସାମୁଦ୍ରିକ କରିଡର୍‌ରେ ଚଳାଚଳ ବାଧାପ୍ରାପ୍ତ ହେବା ସହ ଉପସାଗରୀୟ ଅଞ୍ଚଳରେ ଭାରତୀୟ ନାଗରିକଙ୍କ ସୁରକ୍ଷା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମ ଏସିଆ ପରିସ୍ଥିତି ନେଇ ସଂସଦରେ ଉଦ୍‌ବୋଧନ ଦେବା ପରେ ସର୍ବଦଳୀୟ ବୈଠକ ଆହ୍ୱାନ କରାଯାଇଥିଲା । ସଂସଦରେ ବିବୃତ୍ତି ଦେଇ ଇନ୍ଧନ ଏବଂ ସାର ଯୋଗାଣ ଶୃଙ୍ଖଳକୁ ବ୍ୟବସ୍ଥିତ କରିବା ଲାଗି ସରକାରଙ୍କ ପକ୍ଷରୁ ୭ଟି ସଶକ୍ତ ଗୋଷ୍ଠୀ ଗଠନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଥିଲେ ।

# ପ୍ରେଜ୍-ରାମନବମୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାମନବମୀ ଅବ୍ୟବହିତ ପୂର୍ବରୁ ନାଗରୀକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ମୁର୍ମୁ ତାଙ୍କ ବାର୍ତ୍ତାରେ କହିଛନ୍ତି, ଭଗବାନ ରାମଙ୍କ ଜୀବନଯାତ୍ରା ଆମକୁ ସତ୍ୟ, ନ୍ୟାୟ ଏବଂ ଅର୍ଥପୂର୍ଣ୍ଣ ଜୀବନ ଅତିବାହିତ କରିବା ଲାଗି ମାର୍ଗଦର୍ଶନ କରିଥାଏ । ସମାଜ ପାଇଁ ଆମର କର୍ତ୍ତବ୍ୟ ନିର୍ବାହ କରିବା ଲାଗି ରାମଙ୍କ ଜୀବନ ଆମକୁ

ପ୍ରୋତ୍ସାହିତ କରିଥାଏ ବୋଲି ସେ ତାଙ୍କ ବାର୍ତ୍ତାରେ କହିଛନ୍ତି । ରାମଙ୍କ ଜୀବନାଦର୍ଶ ଆମର ସଂସ୍କୃତିର ଭିତ୍ତିଭୂମି । ଆମେ ତାହାକୁ ଆମର କାର୍ଯ୍ୟରେ ବିନିଯୋଗ କରି ଦେଶ ପାଇଁ ସେବା କରିବା ଲାଗି ଶପଥ ଗ୍ରହଣ କରିବାକୁ ରାଷ୍ଟ୍ରପତି ନାଗରୀକମାନଙ୍କୁ ଆହ୍ୱାନ ଦେଇଛନ୍ତି ।

## ଇରାନ୍-ୟୁଏସ୍

ପଶ୍ଚିମ ଏସିଆରେ ଯୁଦ୍ଧ ବିରତି ପଦକ୍ଷେପ ଅସଫଳ ହୋଇଛି । ଆମେରିକା ପକ୍ଷରୁ ଦିଆଯାଇଥିବା ୧୫ ସୂତ୍ରୀ ପ୍ରସ୍ତାବକୁ ଇରାନ୍ ଖାରଜ କରିଦେଇଛି । ଇରାନ୍ ସରକାରଙ୍କ ପକ୍ଷରୁ କୁହାଯାଇଛି, ଇରାନ୍‌କୁ ମଧ୍ୟସ୍ଥତାକାରୀଙ୍କ ଜରିଆରେ ଏହି ପ୍ରସ୍ତାବ ମିଳିଥିଲା । ଏହି ପ୍ରସ୍ତାବରେ ଆମେରିକା ପକ୍ଷରୁ ଅନେକ ଗୁଡ଼ିଏ ଦାବି ଦିଆଯାଇଥିଲା । ଏଥିରେ ଇରାନ୍ ସହମତି ପ୍ରକାଶ କରିନଥିଲା । ଆମେରିକା ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ମଧ୍ୟରେ ପରମାଣୁ କାର୍ଯ୍ୟକୁ ସୀମିତ କରିବା, କ୍ଷେପଣାସ୍ତ୍ର କ୍ଷମତା ହଟାଇବା, ହର୍ମୁଜ୍ ପ୍ରଣାଳୀକୁ ପୁଣିଥରେ ଖୋଲିବା ଆଦି ଦାବି ରହିଥିଲା ।

## ରେଲୱେ୍ୱଜ୍

ରେଳବାଇ ପକ୍ଷରୁ ଯୋଗାଯୋଗ ଭିତ୍ତିଭୂମିର ବିକାଶ ନିମନ୍ତେ ୧୨୦୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପ ଅନୁମୋଦନ କରାଯାଇଛି । ସେହିପରି ବିଭିନ୍ନ ଜୋନ୍‌ରେ କବଚ ସ୍ୱୟଂ ଚାଳିତ ରେଳ ସୁରକ୍ଷା ବ୍ୟବସ୍ଥା ସମ୍ପ୍ରସାରଣ କରାଯାଇଛି । ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଉନ୍ନତ ଫାଇବର ଯୋଗାଯୋଗ ଏବଂ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବା ପାଇଁ ରେଳ ନେଟ୍‌ୱର୍କକୁ ସୁଦୃଢ଼ କରାଯିବା ନିମନ୍ତେ ଏହି ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ ରହିଛି ।

କେନ୍ଦ୍ର ରେଳବାଇର ସମସ୍ତ ୫ଟି ଡିଭିଜନ୍‌ରେ ୬୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟବରାଦରେ ଏହିସବୁ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ରେଳ ଯୋଗାଯୋଗ କ୍ଷେତ୍ରରେ ବିଶ୍ୱସନୀୟ ଏବଂ ନିରନ୍ତର ସେବା ପ୍ରଦାନ ଓ ଅତିରିକ୍ତ ରାଜସ୍ୱ ସୃଷ୍ଟି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ସୁରକ୍ଷା ଉପରେ ସୂଚନା ଦେଇ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, କବଚ ଫୋର୍ ପଏଣ୍ଟ ଜିରୋ’ରେ ସ୍ୱଦେଶୀ ଜ୍ଞାନକୌଶଳରେ ଦୁର୍ଘଟଣା ହ୍ରାସ କରିବା ପାଇଁ ବ୍ୟବସ୍ଥା କରାଯାଇଛି ।

ତାମିଲନାଡୁ, କେରଳମ୍ ଏବଂ କର୍ଣ୍ଣାଟକରେ ୩୦୦ କୋଟି ଟଙ୍କା ବ୍ୟୟ ମୂଲ୍ୟରେ ୫୪୮ କିଲୋମିଟର ରେଳପଥରେ କବଚ ବ୍ୟବସ୍ଥା ଲାଗୁ

କରାଯିବ । ଗୁରୁତର ପରିସ୍ଥିତିରେ ବ୍ରେକ୍ ଯୋଗେ ସ୍ୱୟଂଚାଳିତ ଭାବେ ଟ୍ରେନ୍ ଦୁର୍ଘଟଣାକୁ ରୋକାଯିବା ପାଇଁ ଏହି ବ୍ୟବସ୍ଥା ବିକାଶ କରାଯାଇଛି । ଗୁଜରାଟର ରାଜକୋଟ୍ ଏବଂ ଭାବାନଗର ଡିଭିଜନ୍‌ରେ ୩୦୦ କୋଟି ଟଙ୍କା ବ୍ୟୟ ମୂଲ୍ୟରେ ଅପ୍ଟିକାଲ୍ ଫାଇବର୍ ଯୋଗାଯୋଗ ନେଟ୍‌ୱାର୍କ ସମ୍ପନ୍ନ ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଇଲେକ୍ଟ୍ରୋନିକ୍ସ କମିଟି

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅଧ୍ୟକ୍ଷତାରେ ଗତକାଲି ଏହି ମନ୍ତ୍ରଣାଳୟର ସଂସଦୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ କୃତ୍ରିମ ବୁଦ୍ଧିମତ୍ତା, ବିଭିନ୍ନ ପ୍ରଯୁକ୍ତିବିଦ୍ୟା, ଇଲେକ୍ଟ୍ରୋନିକ୍ସ ହାଡ୍‌ୱାର୍ ବିନିର୍ମାଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଶ୍ରୀ ବୈଷ୍ଣବ ବୈଠକରେ କହିଛନ୍ତି, ଏ.ଆଇ. ଏବଂ ତତ୍‌ସଂକ୍ରାନ୍ତ ପ୍ରଯୁକ୍ତିବିଦ୍ୟା ବିଶ୍ୱରେ ଆଜି ପରିବର୍ତ୍ତନ ଆଣିପାରିଛି । ସେହିପରି ଦେଶରେ ଇଲେକ୍ଟ୍ରୋନିକ୍ସ ବିନିର୍ମାଣ ଗତ ଦଶନ୍ଧି ମଧ୍ୟରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଇଲେକ୍ଟ୍ରୋନିକ୍ସ ନିର୍ମାଣ କ୍ଷେତ୍ର ୬ ଗୁଣ ବୃଦ୍ଧି ପାଇଛି । ଇଲେକ୍ଟ୍ରୋନିକ୍ସ ରପ୍ତାନୀ ଦ୍ରବ୍ୟ ମଧ୍ୟ ୮ ଗୁଣ ବୃଦ୍ଧି ପାଇଛି । ଏହି କ୍ଷେତ୍ରରେ ଦେଶରେ ୨୫ ଲକ୍ଷ ଯୁବବର୍ଗଙ୍କୁ କର୍ମନିଯୁକ୍ତି ଦିଆଯାଇଛି ପାରିଛି ବୋଲି ଶ୍ରୀ ବୈଷ୍ଣବ

କହିଛନ୍ତି । ସରକାର ଦେଶର ୩୧୫ଟି ଶିକ୍ଷାନୁଷ୍ଠାନରେ ବିଶ୍ୱ ଶ୍ରେଣୀୟ ଚିପ୍ ଡିଜାଇନ୍ ଟୁଲ୍ ଯୋଗାଇ ଦେଇ ଚିପ୍ ଡିଜାଇନ୍ ପ୍ରଶିକ୍ଷଣ କ୍ଷମତା ବୃଦ୍ଧି କରିଛନ୍ତି । ଏହାଦ୍ୱାରା ଦେଶ ବ୍ୟାପି ଛାତ୍ରମାନଙ୍କୁ ସେମିକଣ୍ଡକ୍ଟର ଚିପ୍ ଡିଜାଇନ୍ ପ୍ରସ୍ତୁତ କରିବା ଲାଗି ସହାୟକ ହୋଇପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ବୈଠକରେ ସୂଚନା ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ, ପରାମର୍ଶଦାତା କମିଟିର ଅନ୍ୟାନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।

## ଫୁଟବଲ୍-ସାଫ୍

ସାଉଥ୍ ଏସିଆନ୍ ଫୁଟ୍‌ବଲ୍ ଫେଡେରେସନ୍ – ସାଫ୍ ଅଣ୍ଡର-ଟ୍ୱେଣ୍ଟି ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାରେ ଆଜି ଭାରତ ପୁରୁଷ ଦଳ ପାକିସ୍ତାନକୁ ଭେଟିବେ । ଆସନ୍ତା ଶନିବାର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ଭେଟିବ । ଦୁଇଟି ଗ୍ରୁପ୍ ମ୍ୟାଚ୍ ମଧ୍ୟରୁ ଗୋଟିଏ ମ୍ୟାଚ୍‌ରେ ଭାରତ ବିଜୟ ଲାଭ କଲେ ସେମିଫାଇନାଲ୍‌କୁ ଉନ୍ନିତ ହେବ । ଗ୍ରୁପ୍-ବି’ ଉଦ୍‌ଘାଟନୀ ମ୍ୟାଚ୍‌ରେ ବାଂଲାଦେଶ ଇତି ମଧ୍ୟରେ ପାକିସ୍ତାନ ୨-୦ରେ ପରାସ୍ତ କରିଛି । ପାକିସ୍ତାନ ନିଜର ସ୍ଥାନ ବଜାୟ ରଖିବା ଲାଗି ନିଶ୍ଚିତ ଭାବେ ବିଜୟ ହାସଲ କରିବାର ଆବଶ୍ୟକତା ରହିଛି । ଆଗାମୀ ଏ.ଏଫ୍.ସି.

ଅଣ୍ଡର-ଟ୍ୱେଣ୍ଟି ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ପାଇଁ ଏହି ଚାମ୍ପିୟନସିପ୍ ଆୟୋଜନ କରାଯାଇଛି ।